





ପ୍ରେସ୍ ନୋଟ୍

# ଶୁଭାରମ୍ଭ ହେଲା କରୋନା ପ୍ରିକସନ ଟୀକାକରଣ ।

ଅନୁଗୋଳ,ତା.୧୫.୭:- କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବୟସ୍କମାନଂକ ପାଇଁ ଉଦ୍ଧିଷ୍ଟ ପ୍ରିକସନ ଡୋଜ୍‌କୁ ମାଗଣାରେ ପ୍ରଦାନ କରିବାକୁ ସରକାରଂକ ତରଫରୁ ଘୋଷଣା କରାଯାଇଛି । ଆଜାଦ୍ କା ଅମୃତ ମହୋତ୍ସବ ଅବସରରେ ୧୮ ରୁ ୫୯ ବର୍ଷ ବୟସ୍କମାନଂକୁ ମାଗଣାରେ ଏହି ପ୍ରିକସନ ଡୋଜ୍ ପ୍ରଦାନ କରାଯାଉଛି । ଅନୁଗୋଳ ଜିଲ୍ଲା ପାଇଁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ଆନୁଷ୍ଠାନିକ ଭାବେ ଅନୁଗୋଳ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପ୍ରଦୀପ ପ୍ରଜ୍ଜଳନ କରି ଏହାକୁ ଶୁଭାରମ୍ଭ କରିଥିଲେ । ସରକାରଂକ ଦ୍ୱାରା ପ୍ରଦତ୍ତ କୋଭିଡ ନିୟମକୁ ମାନି ସମସ୍ତେ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଟୀକାକରଣ କାର୍ଯ୍ୟକ୍ରମ ସଫଳତାର ସହିତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ପରିଚାଳିତ ହେବ ଏବଂ ୧୮ ରୁ ୫୯ ବର୍ଷ ବୟସ୍କ ସମସ୍ତ ବ୍ୟକ୍ତି ଯେପରି ଟୀକାକରଣରୁ ବାଦ୍ ନ ପଡନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାଂକୁ ପରାମର୍ଶ ଦେଇଥିଲେ । ଆଜି ଠାରୁ ୭୫ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟୀକାକରଣ କାର୍ଯ୍ୟକ୍ରମ ଚାଲୁ ରହିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲିପ କୁମାର ପଟ୍ଟନାୟକଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀ,ଆଶା ଓ ପାରାମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୮୭ ତା.୧୫.୦୭.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।